## ଫାରମ ୧
### (ନିୟମ ୩ ଦ୍ରଷ୍ଟବ୍ୟ )
# ନିର୍ବାଚନ ନୋଟିସ୍

ଏତଦ୍ ଦ୍ୱାରା ନୋଟିସ୍ ଦିଆଯାଉଛି ଯେ –

(୧) ଓଡ଼ିଶା ବିଧାନ ସଭାକୁ **୧୪୭-ଚିତ୍ରକୋଣ୍ଡା (ଏସ୍.ଟି) ବିଧାନସଭା ନିର୍ବାଚନ ମଣ୍ଡଳୀର** ଜଣେ ସଭ୍ୟଙ୍କୁ ନିର୍ବାଚନ ହେବ।

(୨) **୨୫.୦୪.୨୦୨୪ (ଗୁରୁବାର)** ତାରିଖ ସୁଦ୍ଧା ଯେ କୌଣସି ଦିନ (ସାଧାରଣ ଛୁଟି ଦିବସ ବ୍ୟତୀତ) ପୂର୍ବାହ୍ନ ୧୧.୦୦. ଘଣ୍ଟା ଠାରୁ ଅପରାହ୍ନ ୩. ୦୦ ଘଣ୍ଟା ମଧ୍ୟରେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କର କୌଣସି ଜଣେ ପ୍ରସ୍ତାବକ ମନୋନୟନ ପତ୍ର **ରିଟର୍ଣ୍ଣିଂ ଅଧିକାରୀ ଙ୍କ କାର୍ଯ୍ୟାଳୟ ଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ସ୍ଥାନରେ ରିଟର୍ଣ୍ଣିଂ ଅଧିକାରୀ କିମ୍ବା ତହସିଲଦାର, ଚିତ୍ରକୋଣ୍ଡା-ତଥା-ସହାୟକ ରିଟର୍ଣ୍ଣିଂ ଅଧିକାରୀ, ୧୪୭-ଚିତ୍ରକୋଣ୍ଡା** (ଏସ୍.ଟି) **ବିଧାନ ସଭା ନିର୍ବାଚନ ମଣ୍ଡଳୀ** ଙ୍କ ନିକଟ ରେ ଦାଖଲ କରି ପାରିବେ।

(୩) ପୂର୍ବୋକ୍ତ ସ୍ଥାନରେ ପୂର୍ବୋକ୍ତ ସମୟରେ ମନୋନୟନ ପତ୍ରର ଫାରମ ମିଳିପାରିବ ।

(୪) **ରିଟର୍ଣ୍ଣିଂ ଅଧିକାରୀ ଙ୍କ କାର୍ଯ୍ୟାଳୟ ଗହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି ସ୍ଥାନରେ ୨୬.୪.୨୦୨୪ (ଶୁକ୍ରବାର)** ତାରିଖରେ ପୂର୍ବାହ୍ନ ୧୧.୦୦ ଘଣ୍ଟା ସମୟ ରେ ମନୋନୟନ ପତ୍ର ଯାଞ୍ଚ କରାଯିବ ।

(୫) ପ୍ରାର୍ଥୀତ୍ୱ ପ୍ରତ୍ୟାହରଣ ନିମନ୍ତେ ନୋଟିସ୍, ସ୍ୱୟଂ ପ୍ରାର୍ଥୀ ଅଥବା ତାହା ଦାଖଲ କରିବା ନିମନ୍ତେ ପ୍ରାର୍ଥୀଙ୍କ ଦ୍ୱାରା ଲିଖିତ ଭାବରେ ପ୍ରାଧିକୃତ ହୋଇଥିବା ତାହାଙ୍କ ପ୍ରସ୍ତାବକମାନଙ୍କ ମଧ୍ୟରୁ କୌଣସି ଜଣେ ବା ନିର୍ବାଚନ ଏଜେଣ୍ଟ ପାରାଗ୍ରାଫ (୨)ରେ ବିନିର୍ଦ୍ଦିଷ୍ଟ ଯେ କୌଣସି ଅଧିକାରୀଙ୍କ ନିକଟରେ ତାହାଙ୍କ କାର୍ଯ୍ୟାଳୟ ରେ **୨୯.୦୪.୨୦୨୪ (ସୋମବାର)** ତାରିଖ ଅପରାହ୍ନ ୩.୦୦ ଘଣ୍ଟା ପୂର୍ବରୁ ଦାଖଲ କରିପାରିବେ।

(୬) ଯଦି ନିର୍ବାଚନ ପ୍ରତିଦ୍ୱନ୍ଦିତା ମୂଳକ ହୁଏ ତେବେ **୧୩.୦୫.୨୦୨୪ (ସୋମବାର)** ତାରିଖରେ ପୂର୍ବାହ୍ନ **୭.୦୦** ଘଣ୍ଟା ଠାରୁ ଅପରାହ୍ନ **୫.୦୦** ଘଣ୍ଟା ସମୟ ସୀମା ମଧ୍ୟରେ ଭୋଟ ଗ୍ରହଣ କରାଯିବ ।

ସ୍ଥାନ : ମାଲକାନଗିରି

ତାରିଖ : ୧୮.୦୪.୨୦୨୪

ସୋମନାଥ
୧୮/୪/୨୦୨୪

ରିଟର୍ଣ୍ଣିଂ ଅଧିକାରୀ
୧୪୭-ଚିତ୍ରକୋଣ୍ଡା (ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ)
ବିଧାନ ସଭା ନିର୍ବାଚନ ମଣ୍ଡଳୀ ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)
ମାଲକାନଗିରି

Returning Officer
A.D.M (G) Malkangiri

Returning Officer 147-Chitrakonda (ST) AC
Dist-Malkangiri